# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଜପତି, ପାରଳାଖେମୁଣ୍ଡି

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଜପତିଙ୍କ ତରଫରୁ ୩ (ତିନି) ଗୋଷ୍ଠିସହଚର ପଦବୀ କାର୍ଯରତ ଗୋମିତ୍ର ମାନଙ୍କ ମଧ୍ୟରୁ ଚୁକ୍ତିଭିତ୍ତିକ ପଦ୍ଧତିରେ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି। ତଦନୁଯାୟୀ ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| ପଦବୀ | ଅଣସଂରକ୍ଷିତ ବର୍ଗ | ଅନୁସୂଚିତ ଜାତି ବର୍ଗ | ଅନୁସୂଚିତ ଜନଜାତି ବର୍ଗ | ମୋଟ |
|---|---|---|---|---|
| ସହଚର | ୦୧ (ପୁରୁଷ /ମହିଳା) | ୦୧ (ପୁରୁଷ / ମହିଳା) | ୦୧ (ପୁରୁଷ / ମହିଳା) | ୦୩ |

ଇଚ୍ଛୁକ ଏବଂ ଯୋଗ୍ୟ ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧୀକାରୀ ଗଜପତି, ପାରଳାଖେମୁଣ୍ଡିଙ୍କୁ ନିର୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ। ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା**

(୧) ପ୍ରାର୍ଥୀ/ପ୍ରାର୍ଥୀନୀ ରାଜ୍ୟ ଶିକ୍ଷା ବିଭାଗ ଦ୍ୱାରା ନିୟନ୍ତ୍ରିତ ମଧ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ତତୁଲ୍ୟ ଶିକ୍ଷାଗତ ଯୋଗ୍ୟତା ଯାହାକି ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

(୨) ପ୍ରାର୍ଥୀ / ପ୍ରାର୍ଥୀନୀ ଜାତୀୟ ଗୋଆଦି ପଶୁ ଓ ମଇଁଷିଙ୍କ ଅଭିଜନନ ପରିକଳ୍ପନା (NPCBB) ମାଧମରେ ପରିଚାଳିତ କୃତ୍ରୀମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ଶେଷତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟ କୁଶଳ ସମ୍ବଧୀୟ ଅନୁଭୂତି ଥିବା ଆବଶ୍ୟକ । ଉପରୋକ୍ତ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥୀନୀ ଏହି ସହଚର ପଦବୀ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇପାରିବେ ।

(୩) ପ୍ରାର୍ଥୀ/ପ୍ରାର୍ଥୀନୀ ଓଡ଼ିଆ କହିବା, ପଢ଼ିବା ଓ ଲେଖିବା ଜାଣିଥିବେ ଏବଂ ନୈତିକ ଗୁଣ ଉତ୍ତମ ହୋଇଥିବା ଆବଶ୍ୟକ ।

(୪) ପ୍ରାର୍ଥୀ / ପ୍ରାର୍ଥୀନୀ ଭାରତୀୟ ନାଗରିକ ଓ ଗଜପତି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ ।

**ବୟସ ସୀମା -**

ଉକ୍ତ ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀ ଙ୍କ ସର୍ବୋଚ୍ଚ ବୟସ ସୀମା ୫୫ ବର୍ଷ ଭିତେର (ତା. **୩୧।୦୧।୨୦୨୩** ସୁଧା) ହୋଇଥିବା ଆବଶ୍ୟକ ।

**ଶାରୀରିକ ଯୋଗ୍ୟତା-**

ଉକ୍ତ ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀ ଙ୍କ ଉତ୍ତମ ମାନସିକ କ୍ଷମତା, ଉତ୍ତମ ସ୍ୱାସ୍ଥ୍ୟ ସହିତ ଶାରୀରିକ ତ୍ରୁଟି ନ ଥିବା ଆବଶ୍ୟକ ଯାହା ସହଚର କାର୍ଯ୍ୟ ସମ୍ପାଦନରେ ବାଧକ ହେବ।

ପରବର୍ତ୍ତୀ ସମୟରେ ପ୍ରାର୍ଥୀ/ପ୍ରାର୍ଥୀନୀ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଡ଼ାକ୍ତରୀ ସ୍ୱାସ୍ଥ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ସେମାନଙ୍କୁ ନିଯୁକ୍ତି ଦିଆଯିବ ନାହିଁ।

ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସର୍ବନିମ୍ନ ଉଚ୍ଚତା ୫' (ପାଞ୍ଚ) ଫୁଟ ଏବଂ କେବଳ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣ ସମ୍ପ୍ରସାରିତ ଛାତି ୩୦" (ତିରିଶି ଇଞ୍ଚ) ରହିବା ଆବଶ୍ୟକ।

ପ୍ରାର୍ଥୀ/ପ୍ରାର୍ଥୀନୀ ସାଇକେଲ ଚଳାଇବା ଜାଣିଥିବା ଆବଶ୍ୟକ।

ପ୍ରାର୍ଥୀ/ ପ୍ରାର୍ଥୀନୀ ଚୟନ ସମୟରେ ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତି ଅନୁସରଣ କରାଯିବ।

ପ୍ରାର୍ଥୀ/ପ୍ରାର୍ଥୀନୀ ଗଜପତି ଜିଲ୍ଲାର କର୍ମ ନିୟୋଜନ ସଂସ୍ଥାରେ ସେମାନଙ୍କ ନାମ ପଞ୍ଜୀକୃତ କରିଥିବେ ।

ନିମ୍ନ ପ୍ରଦତ୍ତ ଫର୍ମରେ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (ନିଜସ୍ୱ ସହିମୋହର ସହିତ) ବନ୍ଦ ଲୋଫାଫାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗଜପତି, ପାରଳାଖେମୁଣ୍ଡିଙ୍କ କାର୍ଯ୍ୟାଳୟରେ ନିଜେ କିମ୍ବା ଡାକ ଦ୍ୱାରା ଦାଖଲ କରିପାରିବେ

ଦରଖାସ୍ତ ପଠାଇବା ଲଫାଫା ଉପରେ "ସହଚର ପଦବୀ ପାଇଁ ଦରଖାସ୍ତ " ଉଲ୍ଲେଖ କରିବା ଆବଶ୍ୟକ ।

ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ତା- ୦୭.୧୧.୨୦୨୩

ଏହି ବିଜ୍ଞାପନଟି ଗଜପତି ଜିଲ୍ଲାର ୱେବସାଇଟ "ଗଜପତି. ଏନ ଆଇ ସି." ରେ ଉପଲବ୍ଧ।

# ଦରଖାସ୍ତ ଫର୍ମ

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

୧. ପ୍ରାର୍ଥୀ / ପ୍ରାର୍ଥୀନୀଙ୍କ ନାମ-

୨. ପିତା/ ସ୍ୱାମୀଙ୍କ ନାମ -

୩. ସ୍ଥାୟୀ ଠିକଣା-

୪. ଯୋଗାଯୋଗ ଠିକଣା -

୫ ଜାତୀୟତା -

୬. ଜନ୍ମ ତାରିଖ-

୭. ଶିକ୍ଷାଗତ ଯୋଗ୍ୟତା –

୮. ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥୀନୀ ଅଟନ୍ତି କି? ହଁ/ ନାହିଁ

(ଯଦି ହଁ ତେବେ କେଉଁ ପଞ୍ଚାୟତ, ବ୍ଲକରେ କାର୍ଯ୍ୟ କରନ୍ତି)

୯. ଉଚ୍ଚତା - ଛାତି ଅଣ ସଂପ୍ରସାରିତ -

୧୦. ଜାତି (ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ସାଧାରଣ ବର୍ଗ )

୧୧. ବିବାହିତ । ଅବିବାହିତ

୧୨. ପୁରୁଷ/ମହିଳା

୧୩. କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ର. ନଂ ଓ ତାରିଖ-

ଘୋଷଣା ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ।

| ଫୋଟୋ ସଙ୍ଗଲଗ୍ନ କରିଥିବା ନିମନ୍ତେ |
|---|

ତାରିଖ- ଆବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର :-**

୧. ପ୍ରାର୍ଥୀଙ୍କ ଦୁଇଗୋଟି ନିଜର ସ୍ୱାକ୍ଷର ଥିବା ପାସପୋର୍ଟ ଫୋଟୋଗ୍ରାଫ୍ । ତନ୍ମଧ୍ୟରୁ ଗୋଟିଏ ଫୋଟୋଗ୍ରାଫ୍ ଦରଖାସ୍ତ ଫର୍ମରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ସଂଲଗ୍ନ କରାଯିବା ଆବଶ୍ୟକ, ଅନ୍ୟଟି ଦରଖାସ୍ତ ସହିତ ଦାଖଲ କରିବାକୁ ହେବ ।
୨. ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର । ଏଥିରେ ପ୍ରାର୍ଥୀ /ପ୍ରାର୍ଥିନୀ ସହି ମୋହର ନ ଥିଲେ ନାକଚ କରାଯିବ ।
୩. ଶେଷ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କଠାରୁ ଚରିତ୍ର ପ୍ରମାଣ ପତ୍ର (ନିଜ ସହି ମୋହର ସହିତ)
୪. ସ୍ଥାନୀୟ ତହସିଲଦାରଙ୍କଠାରୁ ଉପଯୁକ୍ତ ହାଲ୍ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର । (ପ୍ରାର୍ଥୀଙ୍କ ସ୍ୱାକ୍ଷର ସହିତ)
୫. ଗଜପତି ଜିଲ୍ଲା କର୍ମ ନିୟୋଜନ ସଂସ୍ଥାର ପଞ୍ଜୀକରଣ ବିଧିମାନ୍ୟ କାର୍ଡର ନିଜ ସହି ମୋହର ନକଲ ।
୬. ଜାତିଗତ ପ୍ରମାଣ ପତ୍ର (ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି) ର ନିଜ ସହି ମୋହରନକଲ।
୭. ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କ ଠାରୁ (ପ୍ରାର୍ଥୀ /ପ୍ରାର୍ଥିନୀଙ୍କର ସମ୍ପର୍କୀୟ ହୋଇନଥିବେ ) ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ।
୮. ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ସ୍ଥଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ଗଜପତିଙ୍କ ଠାରୁ କୃତିମ ପ୍ରଜନନ ପ୍ରୟୋଗ କାର୍ଯ୍ୟକ୍ଷେତ୍ର ରେ ଶେଷତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟ କୁଶଳତା ପ୍ରମାଣ ପତ୍ରର ନିଜ ସହି ମୋହର ସହିତ ନକଲ ।

ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ -୦୭.୧୧.୨୦୨୩।

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ଣ ୫ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ ତାହା ଗ୍ରହଣ କରଯିବ ନାହିଁ । ପ୍ରାର୍ଥୀ / ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ ଦରଖାସ୍ତ / ଆବଶ୍ୟକ ପ୍ରମାଣ ପତ୍ର ( ନିଜ ସହି ମୋହରନକଲ ) ନ ଥାଇ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

ଏହାକୁ ଅନୁମୋଦନ କରାଗଲା

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ,
ଗଜପତି ପାରଳାଖେମୁଣ୍ଡି

ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍,
ଗଜପତି ପାରଳାଖେମୁଣ୍ଡି